ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1254/10-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୦ ଫେବୃଆରୀ,୨୦୨୧

➤ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ୫–'ଟି' କାର୍ଯ୍ୟକ୍ରମ ଅନ୍ତର୍ଗତ ୯ଟି ନାଗରିକକୈନ୍ଦ୍ରିକ ସେବାକୁ ଲୋକାର୍ପିତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଯେ କୌଣସି ପରିବହନ କାର୍ଯ୍ୟାଳୟକୁ ଚୟନ କରିବାର ସ୍ୱାଧୀନତା ହଜାର ହଜାର ଲୋକଙ୍କୁ ସୁବିଧା ଦେବ ଏବଂ ପରିବହନ କାର୍ଯ୍ୟାଳୟରେ ଲମ୍ବା ଧାଡ଼ିରେ ଛିଡ଼ାହେବା ଏବେ ଇତିହାସ ପାଲଟିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର ୫–'ଟି' ଉଦ୍ୟମକୁ ପ୍ରଶଂସା କରି କହିଛନ୍ତି ଯେ ରାଜ୍ୟ ସରକାର ସ୍ୱୟଂକ୍ରିୟ ପ୍ରଣାଳୀରେ ଏବଂ ଅନ୍‌ଲାଇନ୍ ମାଧ୍ୟମରେ ସୁବିଧାଜନକ ନାଗରିକ କୈନ୍ଦ୍ରିକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ । ଆମର ଦୈନନ୍ଦିନ ଜୀବନରେ ପରିବହନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଯାନବାହନ ପଂଜୀକରଣ ବ୍ୟବସ୍ଥାକୁ କାଗଜଶୂନ୍ୟ ଏବଂ ଯୋଗାଯୋଗରହିତ କରାଯାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏନ୍‌ଆଇସି ସହିତ ଯୋଗାଯୋଗ ରକ୍ଷା କରି ଡିଜିଟାଲ୍ ସିଗ୍‌ନେଚର ସମେତ କାଗଜାତ୍ ଦାଖଲ ସାଙ୍ଗକୁ ନମ୍ବର ଜେନେରେଟ୍ କରିବା, ସ୍ଥାନୀୟ ପରିବହନ କାର୍ଯ୍ୟାଳୟରେ କାଗଜାତ ଦାଖଲ କରିବା ଏବଂ ଗାଡ଼ି ମାଲିକମାନଙ୍କୁ ରାଜ୍ୟର ଯେ କୌଣସି ପରିବହନ କାର୍ଯ୍ୟାଳୟରେ ଯାନ ପଂଜୀକରଣ କରିବା ଆଦି ସୁବିଧା ଉପଲବ୍ଧ କରାଇବାରେ ଓଡ଼ିଶା ଦେଶରେ ଅଗ୍ରଣୀ ହୋଇପାରିଛି । ସେ ପୁଣି କହିଛନ୍ତି ଯେ ଜାତୀୟ ଇ–ଗଭର୍ଣ୍ଣାନ୍ସ ଡିଭିଜନ୍‌ର ମୋବାଇଲ ସେବା ଉମଙ୍ଗ ଆପ୍ ମାଧ୍ୟମରେ ଲର୍ଣ୍ଣର ଲାଇସେନ୍ସ ଦରଖାସ୍ତ ଲାଗୁ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଡିଜିଟାଲ୍ ଜ୍ଞାନକୌଶଳର ପ୍ରୟୋଗରେ ସକ୍ରିୟ ହେବା ନିମନ୍ତେ ଏପରି ଅଭିଯାନ ଆରମ୍ଭ କରିଥିବାରୁ ପରିବହନ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉତ୍କୃଷ୍ଟ ସେବା ଯୋଗାଇଦେବା ନିମନ୍ତେ ପରିବହନ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏପରି ବ୍ୟାପକ ପରିବର୍ତ୍ତନ ଅଭିଯାନ ଜନସାଧାରଣଙ୍କ ମନରେ ବ୍ୟାପକ ଆଶାର ସଂଚାର କରିବ । ଜନସାଧାରଣଙ୍କୁ ପ୍ରତିଶ୍ରୁତ ସନ୍ତୁଷ୍ଟି ପ୍ରଦାନ ପାଇଁ ପରିବହନ କର୍ତ୍ତୃପକ୍ଷ କାର୍ଯ୍ୟ କରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ଶ୍ରୀ ପଦ୍ମନାଭ ବେହେରା, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ରାଜକୁମାର ଶର୍ମା, ପ୍ରମୁଖ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ ଶ୍ରୀ ମଧୁସୂଦନ ପାଢ଼ୀ, ପରିବହନ କମିଶନର ଶ୍ରୀ ସଂଜୀବ ପଣ୍ଡା ଓ ଜାତୀୟ ସୂଚନା ପ୍ରଯୁକ୍ତି କେନ୍ଦ୍ରର ମହାନିର୍ଦ୍ଦେଶକ ଡ. ନୀତା ବର୍ମାଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ଡାଲିଜାତୀୟ ଶସ୍ୟ ଦିବସ ଅବସରରେ କହିଛନ୍ତି ଯେ ନିରନ୍ତର ଖାଦ୍ୟ ବ୍ୟବସ୍ଥା, ସ୍ୱାସ୍ଥ୍ୟକର ଖାଦ୍ୟ, ପରିବାରର ଖାଦ୍ୟ ସୁରକ୍ଷା, କୃଷି କ୍ଷେତ୍ରରେ ଜୈବବିବିଧତା ଏବଂ ମୃତ୍ତିକାର ସୁସ୍ଥତାକୁ ବଜାୟ ରଖିବାରେ ଡାଲିଜାତୀୟ ଶସ୍ୟର ପ୍ରମୁଖ ଭୂମିକା ରହିଛି । ଏକ ସୁସ୍ଥ ଓଡ଼ିଶା ଗଠନ ପାଇଁ ଡାଲି ଜାତୀୟ ଶସ୍ୟର ବ୍ୟବହାର ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସେ ଦୋହରାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ଯାଜପୁର ଜିଲ୍ଲାରେ ୨୫୪ କୋଟି ଟଙ୍କା ମୂଲ୍ୟର ଦୁଇଟି ଗ୍ରାମୀଣ ପାଇପ ଜଳଯୋଗାଣ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଦୁଇବର୍ଷ ମଧ୍ୟରେ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ଏହାଦ୍ୱାରା ଜିଲ୍ଲାର ଦାନଗଦି, ରସୁଲପୁର, ଧର୍ମଶାଳା, ବରି ଓ ଯାଜପୁର ବ୍ଲକ୍‌ର ୪୮୩ଟି ଗ୍ରାମ ଉପକୃତ ହେବେ ।

- ରାଜ୍ୟ କ୍ୟାବିନେଟ୍ କନ୍ଧମାଳ ଜିଲ୍ଲା ପାଇଁ ୧୮୫.୯ କୋଟି ଟଙ୍କାର ଦୁଇଟି ଗ୍ରାମୀଣ ପାଇପ୍ ଜଳଯୋଗାଣ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି । ଏହି ପ୍ରକଳ୍ପଦୁଇଟିର କାର୍ଯ୍ୟ ଆଗାମୀ ଦୁଇବର୍ଷ ମଧ୍ୟରେ ସଂପୂର୍ଣ୍ଣ ହେବ ଏବଂ ଏହା ଦ୍ୱାରା ଜିଲ୍ଲାର ଟିକାବାଲି ଓ ବାଲିଗୁଡ଼ା ବ୍ଲକ୍‌ର ୩୨୯ଟି ଗ୍ରାମର ଜନସାଧାରଣ ଉପକୃତ ହେବେ ।

- ରାଜ୍ୟ କ୍ୟାବିନେଟ୍ ୫–'ଟି' ଅଭିଯାନ ଅନ୍ତର୍ଗତ ସମସ୍ତ ଜିଲ୍ଲାରେ ସମନ୍ୱିତ ଭିତ୍ତିଭୂମି ସମୂହ (ଆଇଆଇସି) ନିର୍ମାଣକୁ ଅନୁମୋଦନ ପ୍ରଦାନ କରିଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଏହି ଆଇଆଇସିଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର ଭାବେ ନିର୍ମାଣ କରାଯିବ ।

- ଏହି ଆଇଆଇସିଗୁଡ଼ିକରେ ବରିଷ୍ଠ ନାଗରିକ ଏବଂ ନିଃସହାୟ ଲୋକଙ୍କୁ ଆଶ୍ରୟ ମିଳିବା ସାଙ୍ଗକୁ ଫିଜିଓଥେରାପି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର, ପୁନର୍ବାସ କେନ୍ଦ୍ର, ଭିନ୍ନକ୍ଷମ ଏବଂ ମାନସିକ ଅନଗ୍ରସରମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ସହ ବୟସ୍କ ଓ ପିଲାମାନଙ୍କ ପାଇଁ କ୍ରୀଡ଼ା, ସାଂସ୍କୃତିକ ଏବଂ ପାଠ୍ୟୋତ୍ତର କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନ ରହିବ ।

- ରାଜ୍ୟ କ୍ୟାବିନେଟ୍ ଅଭିନବ ବିକାଶ ମାଧ୍ୟମରେ କୃଷି କ୍ଷେତ୍ରରେ ବିବିଧତା ପାଇଁ ନବୀକୃତ ଜଳଛାୟା ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଅପ୍ରେଲ ମାସରୁ ଆରମ୍ଭ ହେବାକୁ ଥିବା ବୈଜ୍ଞାନିକ

ପଦ୍ଧତିରେ ଜଳଛାୟା ପରିଚାଳନା ଉଦ୍ଦେଶ୍ୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଆଗାମୀ ୬ ବର୍ଷ ମଧ୍ୟରେ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ ।

- ରାଜ୍ୟ କ୍ୟାବିନେଟ୍ ବିଜେପୁରସ୍ଥିତ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ବରଗଡ଼ ମୁଖ୍ୟ କେନାଲର ଦକ୍ଷିଣ କୂଳରେ ୦ରୁ ୩୪.୧ କିଲୋମିଟର ପର୍ଯ୍ୟନ୍ତ ଅନ୍ତର୍ଗାହୀ ଢାଞ୍ଚା ଓ ପ୍ରେସର ମେନ୍ ନିର୍ମାଣ ପାଇଁ ସଫଳ ଆବେଦନକାରୀଙ୍କ ଟେଣ୍ଡରକୁ ମଂଜୁରୀ ପ୍ରଦାନ କରିଛନ୍ତି ।

- ଇପିସି-ଟର୍ଣ୍ଣ କି ପଦ୍ଧତିରେ ନିର୍ମିତ ହେବାକୁ ଥିବା ପ୍ରକଳ୍ପ ସହିତ ଶକ୍ତି ସଂଯୋଗ ବ୍ୟବସ୍ଥା, ୩୦ ମାସର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସହିତ ୫ ବର୍ଷ ପାଇଁ ପ୍ରକଳ୍ପର କାର୍ଯ୍ୟକାରିତା ଓ ପରିଚାଳନା ପାଇଁ ୩୪୦.୩୬ କୋଟି ଟଙ୍କା ବ୍ୟୟ କରାଯିବ । ଏହା ଦ୍ୱାରା ବିଜେପୁର, ସୋହେଲା, ବରପାଲି ଓ ଡୁଙ୍ଗୁରିପାଲି ବ୍ଲକ୍‌ଗୁଡ଼ିକର ୨୫,୬୦୦ ହେକ୍ଟର ଜମି ଜଳସେଚିତ ହୋଇପାରିବ ।

➤ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମେକ୍ ଇନ୍ ଓଡ଼ିଶାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କମିଟି ଧାତୁ, ଧାତବ ଡାଉନ୍‌ଷ୍ଟ୍ରିମ୍, ଆଇଟି ଏବଂ ଇଏସ୍‌ଡିଏମ୍, ନିର୍ମାଣ, ଲଜିଷ୍ଟିକ୍ ଓ ପର୍ଯ୍ୟଟନ କ୍ଷେତ୍ରରେ ୧୨୪୨ କୋଟି ଟଙ୍କା ମୂଲ୍ୟର ୮ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼ଠାରେ ଅଟୋମାଇଜଡ୍ ଆଇରନ୍ ପାଉଡର ପ୍ଲାଣ୍ଟ, ଖୋର୍ଦ୍ଧାଠାରେ ପିଇଟି ପ୍ରିଫର୍ମ ପ୍ରସ୍ତୁତି ୟୁନିଟ୍, ସୋଲାର ପାନେଲ୍ ପ୍ରସ୍ତୁତି ୟୁନିଟ୍ ଏବଂ ଆଧୁନିକ ଷ୍ଟୋରେଜ୍ ବ୍ୟାଟେରୀ ଏବଂ କଟକଠାରେ ଲଜିଷ୍ଟିକ୍ ପାର୍କ ଅନ୍ତର୍ଭୁକ୍ତ ରହିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀଠାରେ ଇଣ୍ଟିଗ୍ରେଟେଡ୍ ହେଭି ବିଚ୍ ସ୍ୟାଣ୍ଡ ପ୍ରକଳ୍ପ, ପାଞ୍ଚ ତାରକା ହୋଟେଲ୍ ଓ ପାଞ୍ଚତାରକା ଲକ୍ସରି ରିସୋର୍ଟ ଏବଂ ଭୁବନେଶ୍ୱରଠାରେ ୪-ତାରକା ବିଶିଷ୍ଟ ହୋଟେଲ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଓଡ଼ିଶା ଗତ ଏକ ବର୍ଷ ମଧ୍ୟରେ ୬ଟି ପ୍ରମୁଖ କ୍ଷେତ୍ରରେ ୧,୨୦,୪୫୬.୭୪ କୋଟି ଟଙ୍କାର ପୁଂଜି ଆକର୍ଷଣ କରିପାରିଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୯,୩୦,୭୨୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୫,୮୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୩,୧୩୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୮୭ ରହିଛି ।
- ୭୮୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

ପଠାଣି ରାଉତ
ସୂଚନା ଅଧିକାରୀ

‘ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ’